# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1473 CUTTACK, WEDNESDAY, JUNE 28, 2023/ASADHA 7, 1945**


## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

No. 373/23 Dated 16-06-2023

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାର ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା - ବାଡ୍ରିଆଟାଲ, ଥାନା- ମାଲକାନଗିରି ନଂ-୭୪, ତହସିଲ- ମାଲକାନଗିରି, ଜିଲ୍ଲା- ମାଲକାନଗିରି ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. **୪.୧୦୫ ଡି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ ( RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୁଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୁଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମୀ ଅଧିଗ୍ରହଣ ଅଧିସୁଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନିନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୁଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୁପ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ),ପୁର୍ବତଟ ରେଳପଥ କୋରାପୁଟ ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ-ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।

୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା

୫-ପୂନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ,

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୁଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା | | | | | | | | |

ମାଲକାନଗିରି ।

୬-ଜମିର ବିବରଣୀ-

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ **NIL** ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଧିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୁଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମାଲକାନଗିରି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

| ଭୁମି ଅନୁସୁଚୀ | | | | | |
|---|---|---|---|---|---|
| ମୌଜା:ବାତ୍ରିଆଟାଲ , ଥାନା-ମାଲକାନଗିରି ନଂ-୭୪, ତହସିଲ-ମାଲକାନଗିରି , ଜିଲ୍ଲା-ମାଲକାନଗିରି | | | | | |
| ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ | | | | | |
| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | .ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
| ୬ | ୨୨୬ | ୮.୩୦୨ | ୦.୮୯୦ | ଡଙ୍ଗର ଦୁଇ | ଜଗା କୁଡାମି ପି-ଇଙ୍ଗିମା କୁଡାମି ଜା-କୋୟା ବା-ନିଜଗାଁ |
| | ୧୮୮ | ୦.୫୫୮ | ୦.୦୨୬ | ଡଙ୍ଗର ଦୁଇ | |
| | ୧୮୬ | ୧.୩୬୪ | ୦.୯୮୩ | ଧାନ ତିନି | |
| ୧୩ | ୨୨୩ | ୦.୬୮୦ | ୦.୧୬୪ | ଡଙ୍ଗର ଦୁଇ | ଦେବା କୁଡାମି , ମେଣ୍ଟାକୁଡାମି ପି-ଗାଙ୍ଗା କୁଡାମି ଜା-କୋୟା ବା-ନିଜଗାଁ |
| | ୬୪ | ୦.୪୦୮ | ୦.୦୦୨ | ଡଙ୍ଗର ଦୁଇ | |
| ୧୯ | ୨୨୯ | ୧.୫୧୨ | ୦.୬୧୮ | ଡଙ୍ଗର ଦୁଇ | ଭିମା କାରତାମି ପି-ମୁଡା କାରତାମି ଜା-କୋୟା ବା-ନିଜଗାଁ |
| | ୨୩୧ | ୦.୨୨୭ | ୦.୦୦୫ | ଧାନ ତିନି | |
| ୬୮ | ୨୨୪/୮. | ୧.୦୮୭ | ୦.୧୩୮ | ଜଙ୍ଗଲ | ଗଙ୍ଗା କୁରାମି ପି-ଦେବା କୁରାମି , ଗାଙ୍ଗି କୁରାମି ସ୍ୱା-ଗଙ୍ଗା କୁରାମି ବି-ବାତ୍ରିଆଟାଲ ଜା-କୋୟା |
| ୧୦୧ | ୧୮୭/୩. | ୦.୯୩୯ | ୦.୧୩୩ | ଜଙ୍ଗଲ | ଲଛମା କୁରାମି ପି-ଜଗା, ବୁଦ୍ରି କୁରାମି ସ୍ୱା-ଲଛମା ବା-ବତ୍ରିଆଟାଲ ଜା-କୋୟା |
| ୩୨ | ୧୮୭/୧. | ୨.୩୭୧ | ୦.୦୯୬ | ଜଙ୍ଗଲ | ଜଙ୍ଗଲ |
| ୭୧ | ୧୮୫/୧ | ୧.୫୦୭ | ୧.୦୫୦ | ଜଙ୍ଗଲ | .ଆଡମା କୋରାମ ପି-ଜଗା କୋରାପୁଟ ବା-ବାତ୍ରଆଟାଲ |
| | ମୋଟ | ୧୮.୯୫୫ | ୪.୧୦୫ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ଶ୍ରୀ ବିଶାଲ ସିଂହ
ଜିଲ୍ଲାପାଳ, ମାଲକାନଗିରି

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 758—173+5